# NATIONAL NEWS BULLETIN (ODIA)

## 25 August - 2025

### Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ଫିଜି ପ୍ରତିପକ୍ଷ ସିଟେନି ରାବୁକାଙ୍କ ସହ ସାକ୍ଷାତ ଆଲୋଚନା କରିବେ ।
- ଆଜିଠାରୁ ଦୁଇ ଦିନିଆ ଗୁଜରାଟ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

– ୫ହଜାର ୪୦୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ ।

- ୨୦୪୭ ସୁଦ୍ଧା ଭାରତ ବିଶ୍ୱର ଶ୍ରେଷ୍ଠ ୫ଟି କ୍ରୀଡ଼ା ରାଷ୍ଟ୍ର ମଧ୍ୟରେ ସାମିଲ ହେବାକୁ ଆଶା ରଖିଛି, କହିଲେ କ୍ରୀଡ଼ା ମନ୍ତ୍ରୀ ।
- ଦେଶ ବର୍ତ୍ତମାନ ସାଂସ୍କୃତିକ ପୁନରଜାଗରଣର ଏକ ପର୍ଯ୍ୟାୟ ଦେଇ ଗତି କରୁଛି, କହିଲେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ।

ଏବଂ

- ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ରୁଷ-ୟୁକ୍ରେନ୍ ଶାନ୍ତି ପ୍ରକ୍ରିୟା ପ୍ରସଙ୍ଗରେ ୟୁରୋପୀୟ ନେତାମାନଙ୍କ ସହ ଟେଲିଫୋନ୍‌ରେ କଲେ କଥାବାର୍ତ୍ତା ।

# ଫିଜି ପିଏମ୍-ଇଣ୍ଡିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ତାଙ୍କର ଫିଜି ପ୍ରତିପକ୍ଷ ସିଟେନି ରାବୁକାଙ୍କ ସହ ଆଲୋଚନା କରିବେ। ଫିଜି ପ୍ରଧାନମନ୍ତ୍ରୀ ଗତକାଲି ସକାଳେ ତିନି ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଶ୍ରୀ ରାବୁକାଙ୍କୁ ବିମାନବନ୍ଦରରେ ଶିକ୍ଷା ଏବଂ ଉତ୍ତର-ପୂର୍ବ କ୍ଷେତ୍ର ବିକାଶ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ସ୍ୱାଗତ କରିଥିଲେ। ତାଙ୍କ ସହିତ ତାଙ୍କ ପତ୍ନୀ ସୁଲୁଏତି ରାବୁକା ମଧ୍ୟ ଅଛନ୍ତି। ପ୍ରତିନିଧି ଦଳରେ ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ସେବା ମନ୍ତ୍ରୀ ରାତୁ ଆଟୋନିଓ ଲାଲାବାଲାଭୁ ଏବଂ ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି। କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଗତ ସନ୍ଧ୍ୟାରେ ଗସ୍ତରେ ଆସିଥିବା ପ୍ରତିନିଧି ଦଳର ସଦସ୍ୟଙ୍କୁ ଭେଟିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ପ୍ରଧାନମନ୍ତ୍ରୀ ରାବୁକାଙ୍କ ଏହା ହେଉଛି ପ୍ରଥମ ଭାରତ ଗସ୍ତ। ନୂଆଦିଲ୍ଲୀ ଗସ୍ତ ସମୟରେ, ଫିଜି ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ଭେଟିବେ। ଏହି ଗସ୍ତ ଭାରତ ଏବଂ ଫିଜି ମଧ୍ୟରେ ଦୀର୍ଘସ୍ଥାୟୀ ସଂପକର୍କୁ ପ୍ରଦର୍ଶନ କରୁଛି। ଏହା ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସଂପକର୍କୁ ଆହୁରି ମଜବୁତ କରିବା ଏବଂ ଲୋକଙ୍କ ମଧ୍ୟରେ ଘନିଷ୍ଠ ସଂପର୍କକୁ ଆହୁରି ଦୃଢ କରିବା ପାଇଁ ଉଭୟ ଦେଶର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ପିଏମ୍-ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ଦୁଇଦିନିଆ ଗୁଜରାଟ୍ ଗସ୍ତରେ ଯିବେ । ଗସ୍ତର ପ୍ରଥମ ଦିନରେ ଶ୍ରୀ ମୋଦି ଅହମ୍ମଦାବାଦଠାରେ ୫ ହଜାର ୪ ଶହ କୋଟି ଟଙ୍କାରେ ନିର୍ମିତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହାପରେ ଶ୍ରୀ ମୋଦି ଏକ ଜନସମାବେଶକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । ଗୁଜରାଟ ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଅହମ୍ମଦାବାଦର ହନ୍‌ସଲ୍‌ପୁରଠାରେ ହାଇବ୍ରିଡ୍ ବ୍ୟାଟେରୀ ଇଲେକ୍ଟ୍ରୋଡ୍ ଉତ୍ପାଦନ ପ୍ରକଳ୍ପର ଉଦ୍‌ଘାଟନ କରିବେ । ୧୦୦ଟି ଦେଶକୁ ବ୍ୟାଟେରୀଚାଳିତ ଇଲେକ୍ଟ୍ରିକ୍ ଯାନ ରପ୍ତାନୀ ପ୍ରକ୍ରିୟାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ ।

ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତକାଳରେ ୧ ହଜାର ୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନେକ ରେଳପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଶ୍ରୀ ମୋଦି ବିରମ୍‌ଗାମ୍-ଖୁଦାଦ୍-ରାମପୁରା ସମ୍ପ୍ରସାରିତ ରାସ୍ତାର ଉଦ୍‌ଘାଟନ କରିବେ । ସେ ମଧ୍ୟ ଅହମ୍ମଦାବାଦ-ମେହଶାଣା-ପାଲନପୁରର ୬ ଲେନ୍ ବିଶିଷ୍ଟ ଭୂତଳ ରାସ୍ତାର ଶିଳାନ୍ୟାସ କରିବା ସହ ଅହମ୍ମଦାବାଦ-ବିରମଗାମ୍ ରାସ୍ତାରେ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

# ମନସୁଖ ମାଣ୍ଡବ୍ୟ

କ୍ରୀଡା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, ଦେଶର ସ୍ୱାଧୀନତାର ଶତବାର୍ଷିକୀ ୨୦୪୭ ସୁଦ୍ଧା, ଭାରତ ବିଶ୍ୱର ଶ୍ରେଷ୍ଠ ପାଂଚଟି କ୍ରୀଡା ରାଷ୍ଟ୍ର ମଧ୍ୟରେ ସାମିଲ ହେବାକୁ ଆଶା ରଖିଛି। ଅହମ୍ମଦାବାଦରେ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପର ଉଦଘାଟନୀ ସମାରୋହକୁ ସମ୍ବୋଧିତ କରି ମାଣ୍ଡବ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ କ୍ରୀଡା କ୍ଷେତ୍ରରେ ବହୁ ସଫଳତା ହାସଲ କରିଛି ଏବଂ ଏହି କ୍ଷେତ୍ରରେ ଅନେକ ସଂସ୍କାର ପ୍ରଚଳନ କରାଯାଇଛି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଆଗାମୀ ୧୦ ବର୍ଷ ମଧ୍ୟରେ ଦେଶକୁ ବିଶ୍ୱର ଶ୍ରେଷ୍ଠ ୧୦ ମଧ୍ୟରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆମେ ୨୦୩୬ରେ ଅଲିଂପିକ୍ସ ପାଇଁ ବିଡ୍ କରିଛୁ। ୨୦୪୭ରେ ଆମେ ଆମର ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ସେତେବେଳକୁ ବିଶ୍ୱର ଶ୍ରେଷ୍ଠ ୫ଟି କ୍ରୀଡା ରାଷ୍ଟ୍ର ମଧ୍ୟରେ ସାମିଲ ହେବାକୁ ଲକ୍ଷ୍ୟ ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଦେଶରେ ଏକ କ୍ରୀଡା ଇକୋସିଷ୍ଟମ ସୃଷ୍ଟି କରିବାର ଆବଶ୍ୟକତା ରହିଛି ଏବଂ ସରକାର ଏ ଦିଗରେ ପ୍ରତିବଦ୍ଧତା ଦେଖାଉଛନ୍ତି । ସେ କହିଛନ୍ତି, ଗତ ସଂସଦ ଅଧିବେଶନରେ ସରକାର କ୍ରୀଡା ଶାସନ ବିଲ୍ ଆଗତ କରିଥିଲେ, ଯାହା ଏକ କ୍ରୀଡାବିତ୍-କେନ୍ଦ୍ରିକ ବିଲ୍। ଏହି ବିଲ୍ ଜାତୀୟ କ୍ରୀଡ଼ା ମହାସଂଘରେ ମହିଳା ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେଉଛି ।

## ଗଜେନ୍ଦ୍ର ଶେଖାୱତ୍

କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ଶେଖାୱତ କହିଛନ୍ତି ଯେ ଦେଶ ବର୍ତ୍ତମାନ ସାଂସ୍କୃତିକ ପୁର୍ନଜାଗରଣର ଏକ ପର୍ଯ୍ୟାୟ ଦେଇ ଗତି କରୁଛି । ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଶେଖାୱତ କହିଛନ୍ତି, ଏହି ପରିବର୍ତ୍ତନ ସମୟରେ ଦେଶବାସୀ ଭାରତର ସଂସ୍କୃତି ଏବଂ ଏହାର ସାଂସ୍କୃତିକ ମୂଲ୍ୟବୋଧକୁ ସଂରକ୍ଷଣ କରିବା ପାଇଁ ସଂକଳ୍ପ ନେବା ଉଚିତ । ମନ୍ତ୍ରୀ କହିଛନ୍ତି, ନିଜକୁ ନିର୍ମାଣ କରିବା ରାଷ୍ଟ୍ର ଗଠନର ଚାବିକାଠି ଏବଂ କେବଳ ଦକ୍ଷତା ନିର୍ମାଣର ଏହି ଶୃଙ୍ଖଳକୁ ମଜବୁତ କରି ଦେଶକୁ ପୁଣି ସମୃଦ୍ଧ କରାଯାଇପାରିବ ।

## ଓମ୍ ବିର୍ଲା

୬୮ତମ କମନୱେଲ୍‌ଥ ସଂସଦୀୟ ସମ୍ମିଳନୀ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀ ଠାରେ ଏକ ଆନ୍ତଃମନ୍ତ୍ରାଳୟ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି କହିଥିଲେ, ଏହି ସମ୍ମିଳନୀ ଚଳିତ ବର୍ଷ ୫ ରୁ ୧୨ ଅକ୍ଟୋବର ପର୍ଯ୍ୟନ୍ତ ବାର୍‌ବାଡୋସ୍‌ର ବ୍ରିଜଟାଉନରେ ଅନୁଷ୍ଠିତ ହେବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବିର୍ଲା କମନୱେଲ୍‌ଥ ଗ୍ଲୋବାଲ୍ ଭାଗିଦାରିତା ସଂପର୍କରେ ସାଧାରଣସଭାକୁ ସମ୍ବୋଧିତ କରିବା ବିଷୟରେ ସୂଚନା ଦେଇଥିଲେ । ଯୁବ ସଶକ୍ତିକରଣ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଗୋଲଟେବୁଲ ସମ୍ମିଳନୀ ଆୟୋଜନ କରାଯିବ; ଯେଉଁଥିରେ ହିଂସାତ୍ମକ ଘଟଣା, ସାଇବର ଅପରାଧ ଭଳି ଆଧୁନିକ ସମସ୍ୟାର ସମାଧାନ ଉପରେ

ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ବିର୍ଲା କହିଥିଲେ । ରାଜ୍ୟସଭାର ଉପାଧ୍ୟକ୍ଷ, ୨୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ବିଧାନସଭା ବାଚସ୍ପତି ଏବଂ ସଚିବମାନେ ସମ୍ମିଳନୀରେ ଅଂଶଗ୍ରହଣ କରିବେ।

# ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଚାଶୋଟି ଘଟଣାର ଆହତମାନଙ୍କୁ ଭେଟିବା ପାଇଁ ଜମ୍ମୁ ସ୍ଥିତ ସରକାରୀ ମେଡିକାଲ କଲେଜ ଗସ୍ତ କରିଛନ୍ତି । ସେଠାରେ ଆହତମାନଙ୍କୁ ଦିଆଯାଉଥିବା ଚିକିତ୍ସା ସମ୍ପର୍କରେ ସେମାନେ ସମୀକ୍ଷା କରିଛନ୍ତି ।

ଆମ ଆକାଶବାଣୀ ଜମ୍ମୁ ସମ୍ବାଦଦାତା ସୂଚନା ଅନୁସାରେ, ବିଶେଷଜ୍ଞ ଦଳ ଚିକିତ୍ସା ସମ୍ବନ୍ଧରେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ଏହି ଘଟଣା ଉପରେ ପ୍ରଧାନମନ୍ତ୍ରୀ ଗଭୀର ମର୍ମାହତ ହେବା ସହ ଏହା ଉପରେ ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

# ଏସ୍ଏ ପ୍ରେସିଡେଣ୍ଟ

ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା ରୁଷ-ୟୁକ୍ରେନ୍ ଶାନ୍ତି ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିବାପାଇଁ ୟୁରୋପୀୟ ନେତାମାନଙ୍କ ସହ ଟେଲିଫୋନ୍‌ରେ କଥାବାର୍ତ୍ତା ହୋଇଛନ୍ତି । ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ଶ୍ରୀ

ସିରିଲ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାର୍କନ୍ ଏବଂ ଫିନିଶ୍ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଷ୍ଟବ୍‌ଙ୍କ ସହ କଥାବାର୍ତ୍ତା ହୋଇଛନ୍ତି । ରାଷ୍ଟ୍ରପତିଙ୍କ ମୁଖପାତ୍ର ଭିମ୍‌ସେଣ୍ଟ୍ ମ୍ୟାଗ୍‌ଓ୍ୱନ୍ୟା ସୂଚନା ଦେଇଛନ୍ତି, ଏହି ଆଲୋଚନାରେ ୟୁରୋପର ନେତାମାନେ ଖୋଲାଖୋଲି ଭାବେ ସେମାନଙ୍କର ମତ ପ୍ରକାଶ କରିଛନ୍ତି । ରୁଷ-ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ପାଇଁ ରାଷ୍ଟ୍ରପତି ରାମାଫୋସା ତାଙ୍କର ଦୃଢ଼ ପ୍ରତିବଦ୍ଧତା ଉପରେ ଉଲ୍ଲେଖ କରିଛନ୍ତି । ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନେସ୍କି ଓ ଅନ୍ୟାନ୍ୟ ୟୁରୋପୀୟ ନେତମାନଙ୍କ ସହ ଏ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆଜି ରାତି ୯.୩୦ ମିନିଟରେ ଆମର ଦ୍ୱିଭାଷୀ ଲାଇଭ୍ ଫୋନ୍-ଇନ୍ ପ୍ରୋଗ୍ରାମ 'ପବ୍ଲିକ୍ ସ୍ପିକ୍'ରେ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍. କୃଷ୍ଣନଙ୍କ ସହିତ ଅନଲାଇନ୍ ଗେମିଂ ନିୟନ୍ତ୍ରଣ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା ହେବ। କାର୍ଯ୍ୟକ୍ରମ ସମୟରେ, ଶ୍ରୋତାମାନେ ଅନଲାଇନ୍ ଗେମିଂ ଉପରେ ନୂତନ ଆଇନର ବିଭିନ୍ନ ଦିଗ, ଅନଲାଇନ୍ ଗେମିଂରୁ ନିଶା ନିବାରଣ ଏବଂ ଆର୍ଥିକ କ୍ଷତିରୁ କିପରି ସୁରକ୍ଷା ପାଇପାରିବେ ସେ ବିଷୟରେ ବିଶେଷଜ୍ଞମାନଙ୍କୁ ପ୍ରଶ୍ନ ପଚାରିବାର ସୁଯୋଗ ମିଳିବ।

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଆଜି ରାତି ୯ଟା ୩୦ ମିନିଟ୍‌ରୁ ଟେଲିଫୋନ୍ ନମ୍ବର ୦୧୧-୨୩୭୧୭୧୧୭ ଏବଂ ୦୧୧-୨୩୩୧୪୪୪୪ ରେ ଡାଏଲ୍ କରିପାରିବେ ।

ବିକଳ୍ପ ଭାବରେ, ଆପଣ ଆପଣଙ୍କର ପ୍ରଶ୍ନଗୁଡ଼ିକୁ ହ୍ୱାଟ୍ସଅପ୍ ମାଧ୍ୟମରେ ୯୨୮୯୦୯୪୦୪୪ ନମ୍ବରକୁ ପଠାଇପାରିବେ କିମ୍ବା **AskAir** ହ୍ୟାସଟ୍ୟାଗ୍ ସହିତ **X**ରେ ପୋଷ୍ଟ କରିପାରିବେ ।